| | |
|---|---|
| NEW PAPER: | Samaja |
| DATE: | 13.12.2018 |
| PAGE: | 18 |

ସମାଜ
The Samaja

# ଏଏସ୍‌ବିଏମ୍‌ର ଦ୍ୱାଦଶ ବାର୍ଷିକୋତ୍ସବ

ଭୁବନେଶ୍ୱର,୧୨।୧୨: ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍)ର ଦ୍ୱାଦଶ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଛାତ୍ରଛାତ୍ରୀଙ୍କ




ଦ୍ୱାରା ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଦିବସରେ 'ଆଲୁମିନି ମିଟ୍'ର ଆୟୋଜନ କରାଯାଇଥିଲା ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଅନୁଷ୍ଠାନ ଏହାର ଉତ୍କୃଷ୍ଟ ଓ ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ଆକ୍ରିଡ଼ିଟେସ୍‌ନ କାଉନସିଲ ଫର ବିଜିନେସ୍ ସ୍କୁଲସ୍ ଆଣ୍ଡ ପୋଗ୍ରାମସ୍ (ଏସିବିଏମ୍)ର ଅନ୍ତର୍ଜାତିକ ଆକ୍ରିଡ଼ିଟେସନ ପାଇପାରିଥିବା କହିଥିଲେ। ଏଥିରେ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି 'ମୂର୍ଚ୍ଛନା-ଆଚିଭରସ ଡ଼େ'କୁ ଉଦ୍‌ଘାଟନ କରି ସବୁବେଳେ ନିଜକୁ ଠିକ୍ ମାର୍ଗରେ ପ୍ରସ୍ତୁତ ରଖିପାରୁଥିବା ବ୍ୟକ୍ତିଙ୍କୁ ଭାଗ୍ୟର ସହଯୋଗ ମିଳେ ବୋଲି କହିଥିଲେ। ଏହି ଅବସରରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଇସାନ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅନୁଷ୍ଠାନର ପ୍ରଫେସର ଡ. ମୃତ୍ୟୁଞ୍ଜୟ ଦାଶ ଏବଂ ପ୍ରଫେସର ଡ. ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।